# NATIONAL NEWS BULLETIN (ODIA)

**13 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଚାରି ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଜ୍ୟସଭାକୁ ମନୋନୀତ କଲେ ରାଷ୍ଟ୍ରପତି

– ମନୋନୀତଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

- ଅକ୍ସିଓମ୍-୪ ମିଶନର ଚାରିଜଣ ଯାକ କ୍ରୁ ସଦସ୍ୟ ପୃଥିବୀକୁ ଆସନ୍ତାକାଲି କରିବେ ପ୍ରତ୍ୟାବର୍ତ୍ତନ

- ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସିଙ୍ଗାପୁର ପ୍ରତିପକ୍ଷଙ୍କ ସହ କଲେ ଆଲୋଚନା

- ଇରାନ୍ ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା ପାଇଁ ସର୍ବଦା ପ୍ରସ୍ତୁତ ଅଛି; ଇରାନ୍‌ର ବୈଦେଶିକ ମନ୍ତ୍ରୀଙ୍କ ସୂଚନା

ଏବଂ

- ଲର୍ଡସ ଟେଷ୍ଟର ଚତୁର୍ଥ ଦିନରେ ଇଂଲଣ୍ଡ ଗତକାଲିର ସ୍କୋର ୨ ରନ୍‌ରୁ ଆରମ୍ଭ କରିବ ଆଜିର ଦ୍ୱିତୀୟ ଇନିଂସର ବ୍ୟାଟିଂ

# ପ୍ରେସ୍-ନୋମିନେସନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଖ୍ୟାତ ଆଇନଜ୍ଞ ଉଜ୍ଜ୍ୱଳ ଦେଓରାଓ ନିକମ, ସାମାଜିକ କର୍ମୀ ସି.ସଦାନନ୍ଦନ ମାଷ୍ଟର, ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ଐତିହାସିକ ତଥା ଶିକ୍ଷାବିତ୍ ଡକ୍ଟର ମୀନାକ୍ଷୀ ଜୈନଙ୍କୁ ରାଜ୍ୟସଭାକୁ ମନୋନୀତ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ  ଏହି ନିଷ୍ପତ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମହାରାଷ୍ଟ୍ର ବାସିନ୍ଦା ଶ୍ରୀ ନିକମ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ମାମଲାରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିଛନ୍ତି। କେରଳର ସଦାନନ୍ଦନ ମାଷ୍ଟର୍ସଙ୍କର ଶିକ୍ଷାକ୍ଷେତ୍ରରେ ଦୀର୍ଘଦିନର ଅଭିଜ୍ଞତା ରହିଛି। ସେ ରାଜନୈତିକ ହିଂସାର ଶିକାର ହୋଇ ନିଜର ଦୁଇ ଗୋଡ଼ ହରାଇଛନ୍ତି। ଶ୍ରୀ ଶ୍ରୀଙ୍ଗଲା’ ଯୁକ୍ତରାଷ୍ଟ୍ର ଆମେରିକା, ବାଂଲାଦେଶ, ଥାଇଲାଣ୍ଡରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ ତୁଲାଇଛନ୍ତି। ସେ ମଧ୍ୟ ୨୦୨୩ ଜି-୨୦ ଅଧ୍ୟକ୍ଷତା ପାଇଁ ମୁଖ୍ୟ ସମନ୍ୱୟକାରୀ ଭାବେ କାର୍ଯ୍ୟ କରିଛନ୍ତି। ଡକ୍ଟର ଜୈନ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଗାର୍ଗି କଲେଜରେ ସହ-ପ୍ରଧାପକ ଭାବେ କାର୍ଯ୍ୟ କରିଛନ୍ତି। କଳା, ସାହିତ୍ୟ, ବିଜ୍ଞାନ ଏବଂ ସାମାଜିକ ସେବାରେ ଅବଦାନ ରହିଥିବା ୧୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ଉଚ୍ଚ ସଦନକୁ ମନୋନୀତ କରିଛନ୍ତି।

# ପିଏମ୍- ରାଜ୍ୟସଭା ନୋମିନେସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶିଷ୍ଟ ଆଇନଜ୍ଞ ଉଜ୍ଜ୍ୱଳ ଦେଓରାଓ ନିକମ, ସାମାଜିକ କର୍ମୀ ସି.ସଦାନନ୍ଦନ ମାଷ୍ଟର, ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ଐତିହାସିକ ତଥା ଶିକ୍ଷାବିତ୍ ଡକ୍ଟର ମୀନାକ୍ଷସୀ ଜୈନ ରାଜ୍ୟସଭାକୁ ମନୋନୀତ ହେବାପରେ ଅଭିନନ୍ଦନ

ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଉଜ୍ଜ୍ୱଳ ନିକମଙ୍କର ଆଇନକ୍ଷେତ୍ର ଏବଂ ସମ୍ବିଧାନ ପ୍ରତି ନିଷ୍ଠା ଅନୁକରଣୀୟ। ପ୍ରଧାନମନ୍ତ୍ରୀ କହିଛନ୍ତି, ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଜଣେ କୂଟନୀତିଜ୍ଞ, ବୁଦ୍ଧିଜୀବୀ ଏବଂ ରଣନୈତିକ ଚିନ୍ତାଧାରାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ସେ କହିଛନ୍ତି, ଶ୍ରୀ ଶ୍ରୀଙ୍ଗଲାଙ୍କ ଭାରତର ବୈଦେଶିକ ନୀତିରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି ଏବଂ ଜି-୨୦ ଅଧ୍ୟକ୍ଷତାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଶ୍ରୀ ସଦାନନ୍ଦଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ମୋଦୀ କହିଛନ୍ତି, ତାଙ୍କର ଜୀବନ ଅନ୍ୟାୟ ବିରୋଧରେ ଅଦମ୍ୟ ସାହସ ଓ ସଂଘର୍ଷର ଉଦାହରଣ। ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ଜଣେ ଶିକ୍ଷକ ଓ ସମାଜସେବୀ ଭାବେ ତାଙ୍କର ପ୍ରୟାସ ପ୍ରଶଂସନୀୟ ଏବଂ ସେ ଯୁବସଶକ୍ତୀକରଣ ପ୍ରତି ମଧ୍ୟ ଅତ୍ୟନ୍ତ ଉତ୍ସାହୀ ରହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ମିନାକ୍ଷୀ ଜୈନ ଜଣେ ବିଦ୍ୱାନ, ଗବେଷକ ଏବଂ ଐତିହାସିକ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି।

## ଅକ୍ସିଓମ ମିଶନ- ଶୁକ୍ଲା

ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଓ ଅକ୍ସିଓମ୍-୪ ମିଶନର ଅନ୍ୟ ତିନି କ୍ରୁ ସଦସ୍ୟଙ୍କର ପ୍ରତ୍ୟାବର୍ତ୍ତନ ଆସନ୍ତାକାଲି ଆରମ୍ଭ ହେବ। ସାମାଜିକ ଗଣମାଧ୍ୟମର ପୋଷ୍ଟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଆସନ୍ତାକାଲି ଭାରତୀୟ ସମୟ ଅପରାହ୍ନ ୪ଟା ୩୦ ମିନିଟ୍‌ରେ ଅନ୍ ଡକିଂ କାର୍ଯ୍ୟ ଆରମ୍ଭ ହେବ। ସେ କହିଛନ୍ତି, ସଦସ୍ୟମାନେ ମଙ୍ଗଳବାର ଦିନ ଭାରତୀୟ ସମୟ ଅପରାହ୍ନ ୩ଟାରେ ଭୂପୃଷ୍ଠରେ ପହଁଞ୍ଚିବେ। ଗ୍ରୁପ୍ କ୍ୟାପଟେନ୍ ଶ୍ରୀ

ଶୁକ୍ଳା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ୧୪ ଦିନ ମିଶନ ଗସ୍ତରେ ଅଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଗସ୍ତ କରିଛନ୍ତି ଏବଂ ଓ୍ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ମହାକାଶଚାରୀଭାବେ ମହାକାଶକୁ ଯାଇଛନ୍ତି। ଗସ୍ତକାଳରେ ଗ୍ରୁପ୍ କ୍ୟାପଟେନ୍ ଶ୍ରୀ ଶୁକ୍ଳା ଭାରତ ସମ୍ପର୍କିତ ୭ଟି ବିଶେଷ ପରୀକ୍ଷଣ କରିଛନ୍ତି।

**-V/O-**

# ବିହାରରେ ଚାଲିଥିବା

ବିହାରରେ ନେପାଳ, ବାଂଲାଦେଶ ଓ ମିଆଁମାରର ବହୁ ସଂଖ୍ୟକ ନାଗରିକ ବସବାସ କରୁଥିବା ଜଣାପଡ଼ିଛି। ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନରେ ଘରକୁ ଘରୁ ଯାଞ୍ଚରୁ ଏହି ତଥ୍ୟ ଜଣାପଡ଼ିଛି। ଏହି ନାଗରିକଙ୍କ ନିକଟରୁ ଆଧାର, ବାସସ୍ଥାନ ପ୍ରମାଣପତ୍ର, ରାସନକାର୍ଡ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ସଂଗ୍ରହ କରାଯାଇଛି। ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟର ତାଲିକା ସଂଶୋଧନ ସମୟରେ  ଏହି ତ୍ରୁଟିର ସମାଧାନ କରାଯାଉଛି। ନିର୍ବାଚନ ଆୟୋଗ କହିଛନ୍ତି, ଆସନ୍ତା ଅଗଷ୍ଟ ୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଉପଯୁକ୍ତ ତଦନ୍ତ କରାଯିବା ପରେ ଯଦି ଏହା ସତ୍ୟ ପ୍ରମାଣିତ ହୁଏ, ତେବେ ଆସନ୍ତା ସେପ୍ଟେମ୍ବର ମାସରେ ପ୍ରକାଶ ପାଇବାକୁ ଥିବା ଚୂଡ଼ାନ୍ତ ତାଲିକାରେ ସେମାନଙ୍କର ନାମକୁ ଅନ୍ତର୍ଭୁକ୍ତ କରାଯିବ ନାହିଁ।

# ଜୟଶଙ୍କର ସିଙ୍ଗାପୁର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ସିଙ୍ଗାପୁର ଗସ୍ତରେ ଯାଇ ସିଙ୍ଗାପୁର ବୈଦେଶିକ ମନ୍ତ୍ରୀ ଭିଭିଆନ ବାଲକ୍ରିଷ୍ଣନଙ୍କୁ ଭେଟିଛନ୍ତି। ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ଜୟଶଙ୍କର କହିଛନ୍ତି, ସିଙ୍ଗାପୁର ଭାରତର ଆକ୍ଟ ଇଷ୍ଟ ନୀତିର କେନ୍ଦ୍ରବିନ୍ଦୁ। ବୈଦେଶିକ ମନ୍ତ୍ରୀ ଆଜି ଟେମାସେକ ଅଧ୍ୟକ୍ଷ ନିଯୁକ୍ତ ତେଓ ଚି ହୀନ୍‌ଙ୍କୁ ଭେଟିଛନ୍ତି। ଡକ୍ଟର ଜୟଶଙ୍କର ଭାରତରେ ହେଉଥିବା ପରିବର୍ତ୍ତନ ଏବଂ ବିନିଯୋଗର ସୁଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟରେ ଭିଭିଆନ ବାଲକ୍ରିଷ୍ଣନ୍ କହିଛନ୍ତି, ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଅନିଶ୍ଚିତ ଭାବରେ ବହୁ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଏଥିରେ ଭାରତ ଏକ ପ୍ରମୁଖ ଅଂଶଭାବେ ନିଜକୁ ପ୍ରତିପାଦନ କରିପାରିଛି। ବୈଶ୍ୱିକ ପରିବର୍ତ୍ତନରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସିଙ୍ଗାପୁର ଗସ୍ତ ପରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ସାଂଘାଇ ସହଯୋଗ ସଂଗଠନ ବୈଦେଶିକ ମନ୍ତ୍ରି ପରିଷଦ ବୈଠକରେ ଯୋଗଦେବା ପାଇଁ ଚୀନ୍‌ର ତିଆନଜିନ୍ ଗସ୍ତରେ ଯିବେ। ଏହି ବୈଠକ ଅବସରରେ ବିଭିନ୍ନ ଦେଶର ବୈଦେଶିକ ମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## ଇରାନ୍- ନ୍ୟୁକ୍ଲିୟର ଟକ୍ସ

ଇରାନ୍‌ର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଅର୍ଘାଚି କହିଛନ୍ତି, ଇରାନ୍ ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା ପାଇଁ ସବୁବେଳେ ପ୍ରସ୍ତୁତ ରହିଛି। ବିଦେଶୀ ରାଷ୍ଟ୍ରଦୂତ ଏବଂ ପ୍ରତିନିଧିଙ୍କ ସହ ଏକ ବୈଠକରେ ଗତକାଲି ଆଲୋଚନା ସମୟରେ ଶ୍ରୀ ଅର୍ଘାଚି ଏହା କହିଛନ୍ତି। ସେ କହିଛନ୍ତି, ଏଥିପାଇଁ ଯଦି ପୁନଃ ଆଲୋଚନା ଆରମ୍ଭ ହୁଏ, ତେବେ

ଆମେରିକା ଏବଂ ଅନ୍ୟ ଆଲୋଚନାରେ ପକ୍ଷଭୁକ୍ତ ରାଷ୍ଟ୍ରଙ୍କ ଦ୍ୱାରା ଭବିଷ୍ୟତରେ ଯୁଦ୍ଧ ନ ହେବା ନେଇ ନିର୍ଭର ପ୍ରତିଶ୍ରୁତି ଦିଆଯିବା ଉଚିତ। ଇସ୍ରାଏଲ ଏବଂ ଇରାନ୍ ମଧ୍ୟରେ ସଂଘଟିତ ଯୁଦ୍ଧ କେବଳ କୂଟନୈତିକ ଆଲୋଚନା ମାଧ୍ୟମରେ ସମାପ୍ତ ହୋଇପାରିବ ବୋଲି ପ୍ରମାଣ କରିଛି। ଶ୍ରୀ ଅର୍ଘାଚି ଇରାନ୍‌ର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଇସ୍ରାଏଲକୁ ସହାୟତା ପ୍ରଦାନ କରିବା ସହ ଆମେରିକା ଏ ସଂକ୍ରାନ୍ତ ଆଲୋଚନାରେ କୁଠାରଘାତ କରୁଛି ବୋଲି ଶ୍ରୀ ଅର୍ଘାଚି ଅଭିଯୋଗ କରିଛନ୍ତି।

## ଏସ୍.ଆଇ.ଟି. ଆଇଆଇଏମ୍ ଜୋକା

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ– ଆଇ.ଆଇ.ଏମ୍– ଜୋକାରେ ହୋଇଥିବା ଦୁଷ୍କର୍ମ ମାମଲାର ତଦନ୍ତ ପାଇଁ କୋଲକାତା ପୁଲିସ ଏକ ୯ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଛି। ପୀଡ଼ିତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଛି। ପୀଡ଼ିତା ଜଣେ ମାନସିକ ରୋଗ ବିଶେଷଜ୍ଞ ଏବଂ କଥିତ ଅଭିଯୁକ୍ତ ଦ୍ୱିତୀୟ ବର୍ଷର ଛାତ୍ର ପରାମର୍ଶ ପାଇଁ ତାଙ୍କୁ ଆଇ.ଆଇ.ଏମ୍.ଙ୍କୁ ଡାକିଥିଲେ। ନିଶାଦ୍ରବ୍ୟଯୁକ୍ତ ପାନୀୟ ପ୍ରଦାନ କରି କଥିତ ଅଭିଯୁକ୍ତ ତାଙ୍କ ସହ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୁକ୍ତ ଛାତ୍ରଙ୍କୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତକୁ କୋର୍ଟ ଗତକାଲି ପଠାଇ ଦେଇଛନ୍ତି। ପୂର୍ବରୁ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଘଟଣାର ରିପୋର୍ଟ ମାଗିଥିଲେ।

## ଖଲିସ୍ତାନୀ ଟେରରିଷ୍ଟ ଆଟାକ

ଯୁକ୍ତରାଷ୍ଟ୍ର ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍- ଏଫ୍.ବି.ଆଇ. ଏକ ଆନ୍ତର୍ଜାତିକ ଆତଙ୍କବାଦୀ ନେଟ୍‌ୱର୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ସଂଶ୍ଳିଷ୍ଟ ଥିବା ୮ ଜଣ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଏଫ୍.ବି.ଆଇ. ଗିରଫ କରିଛି। ସେମାନଙ୍କ ମଧ୍ୟରେ ପବିତ୍ର ସିଂହ ବାଟାଲା ଅଛନ୍ତି। ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା– ଏନ୍.ଆଇ.ଏ. ବାଟଲାଙ୍କୁ ଗିରଫ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲା। ଏନ୍.ଆଇ.ଏ ଦ୍ୱାରା ନିଷିଦ୍ଧ ବାବର ଖାଲସା ଆନ୍ତର୍ଜାତିକ ଗୋଷ୍ଠୀର ଆତଙ୍କବାଦୀ କାର୍ଯ୍ୟକଳାପ ସହିତ ସେ ଜଡ଼ିତ ରହିଥିଲା।

## ଟେଷ୍ଟ୍ କ୍ରିକେଟ୍

ଲର୍ଡସ୍‌ରେ ଖେଳାଯାଉଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ୍‌ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସ୍ ୨ ରନ୍‌ରୁ ଆରମ୍ଭ କରିବ । ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୩୮୭ ରନ୍ କରିଥିବା ବେଳେ ଇଂଲଣ୍ଡ ମଧ୍ୟ ପ୍ରଥମ ଇନିଂସ୍‌ରେ ୩୮୭ ରନ୍ ସ୍କୋର୍ କରିଥିଲା ।

## ଫୁଟବଲ ଫିଫା ୱାର୍ଲଡ କପ୍

ଫିଫା କ୍ଲବ ବିଶ୍ୱକପ୍-୨୦୨୫ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଆଜି ଆମେରିକାର ନ୍ୟୁଜର୍ସିସ୍ଥିତ ମେଟ୍ ଲାଇଫ୍ ଷ୍ଟାଡିୟମ୍‌ଠାରେ ଖେଳାଯିବ। ଚେଲ୍‌ସୀ ଏବଂ ଜର୍ମାନୀର ପ୍ୟାରିସ ସେଣ୍ଟ କ୍ଲବ ମଧ୍ୟରେ ଏହି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଫିଫା କ୍ଲବ ବିଶ୍ୱକପ୍ ପ୍ରତିଯୋଗିତାରେ

ଦୁଇ ଦଳ ପ୍ରଥମଥର ପାଇଁ ପରସ୍ପରର ସମ୍ମୁଖୀନ ହେଉଛନ୍ତି। ଦୁଇଥର ୟୁରୋପୀୟ ଚମ୍ପିଆନ ଚେଲ୍‌ସୀ ଦଳ-୨୦୨୧ରେ ଫିଫା କ୍ଲବ ବିଶ୍ୱକପ୍ ପ୍ରତିଯୋଗିତା ଟାଇଟଲ ହାସଲ କରିଥିଲା। ଜର୍ମାନୀର ପ୍ୟାରିସ୍ ସେଣ୍ଟ କ୍ଲବ ପ୍ରଥମଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ପର୍ଯ୍ୟାୟରେ ପହଁଞ୍ଚିଛି।